# NATIONAL NEWS BULLETIN (ODIA)

**15 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- କୃତ୍ରିମ ବୁଦ୍ଧିମତ୍ତାକୁ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ସାମିଲ କରିବା ଉପରେ ଗୁରୁତ୍ୱାରୋପ କଲେ ରାଷ୍ଟ୍ରପତି

- ଭାରତର ସାଂସ୍କୃତିକ ଐତିହ୍ୟ ଓ ପରମ୍ପରାର ସୁରକ୍ଷା ଦିଗରେ ସମସ୍ତଙ୍କର ସହଯୋଗ ପାଇଁ ଆହ୍ୱାନ ଦେଲେ ଉପରାଷ୍ଟ୍ରପତି

- ପ୍ରୟାଗରାଜ ଜିଲ୍ଲାରେ ଏକ ସଡ଼କ ଦୁର୍ଘଟଣାରେ ୧୦ଜଣଙ୍କର ମୃତ୍ୟୁ

- ଦେଶରେ ମତ୍ସ୍ୟ ଉତ୍ପାଦନ ଗତ ୧୦ବର୍ଷ ମଧ୍ୟରେ ଦୁଇଗୁଣ ବୃଦ୍ଧି ପାଇଛି ।

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ହେବ ମୁକାବିଲା ।

---

## ପ୍ରେଜ୍-ଝାଡ଼ଖଣ୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, କେନ୍ଦ୍ର ସରକାର କୃତ୍ରିମ ବୁଦ୍ଧିମତ୍ତାକୁ ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି । ଝାଡ଼ଖଣ୍ଡ ରାଞ୍ଚି ସ୍ଥିତ ବିର୍ଲା ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି-ବିଆଇଟିର ହୀରକ ଜୟନ୍ତୀ ସମାରୋହରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି

ଏହା କହିଛନ୍ତି । କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଅଗ୍ରଗତି ଭବିଷ୍ୟତରେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ସହାୟକ ହେବ। ବିକଶିତ ଭାରତ ଗଠନରେ ଯୁବବର୍ଗଙ୍କ ଉତ୍ସାହ ଏବଂ ପ୍ରତିବଦ୍ଧତା ଉପରେ ରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଉଦ୍‌ଭାବକ ଏବଂ ଉଦ୍ୟୋଗୀ ଗୋଷ୍ଠୀ ପାରମ୍ପରିକ ଜ୍ଞାନ ଭିତ୍ତିଭୂମିକୁ ପ୍ରୋତ୍ସାହନ ପ୍ରଦାନ କରିବା ଉଚିତ । **V/O**

ମହିଳା ସଶକ୍ତିକରଣ ପ୍ରସଙ୍ଗରେ ରାଷ୍ଟ୍ରପତି କହିଛନ୍ତି, ବିଜ୍ଞାନ, ଇଞ୍ଜିନିୟରିଂ, ପ୍ରଯୁକ୍ତିବିଦ୍ୟା ଏବଂ ଗଣିତ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ସଶକ୍ତ ହୋଇଛନ୍ତି । ବି.ଆଇ.ଟି. ଶିକ୍ଷାନୁଷ୍ଠାନର ୬ ମାସ ଧରି ଚାଲିବାକୁ ଥିବା ଏହି ହୀରକ ଜୟନ୍ତୀ ସମାରୋହ ଆସନ୍ତା ଜୁଲାଇ ୧୫ ତାରିଖରେ ଉଦ୍‌ଯାପିତ ହେବ । ସୂଚନାଯୋଗ୍ୟ, ଦୁଇଦିନିଆ ଝାଡ଼ଖଣ୍ଡ ଗସ୍ତରେ ଯାଇ ରାଷ୍ଟ୍ରପତି ଗତକାଲି ରାଞ୍ଚିରେ ପହଞ୍ଚିଥିଲେ ।

## ଭିପି କନ୍‌ଭୋକେସନ-ଜାମ୍ମୁ

ଉପରାଷ୍ଟ୍ରପତି ଜଗଦୀପ ଧଡ଼ଖଡ କହିଛନ୍ତି, ଭାରତର ସାଂସ୍କୃତିକ, ଐତିହ୍ୟ ଏବଂ ପରମ୍ପରା ଅତ୍ୟନ୍ତ ମହାନ । ଏହାର ସୁରକ୍ଷା ପାଇଁ ସମସ୍ତଙ୍କର ପ୍ରୟାସ ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ଜାମ୍ମୁକୁ ଆଜି ଦିନିକିଆ ଗସ୍ତରେ ଯାଇ ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ କଟ୍ରାଠାରେ ଶ୍ରୀ ମାତା ବୈଷ୍ଣୋଦେବୀ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଏହା କହିଛନ୍ତି ।

**V/O**

## ଜୟଶଙ୍କର ମ୍ୟୁନିକ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଜର୍ମାନୀର ମ୍ୟୁନିକ୍ ସୁରକ୍ଷା ସମ୍ମିଳନୀ ପରିପ୍ରେକ୍ଷୀରେ ଗତକାଲି ୟୁକ୍ରେନ୍ ପ୍ରତିପକ୍ଷ ଆନ୍ଦ୍ରି ସିବିହାଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ୟୁକ୍ରେନ୍ ବିବାଦର ସମାଧାନ ଦିଗରେ ଚାଲିଥିବା ପ୍ରୟାସ ଉପରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଭାରତ-ୟୁକ୍ରେନ୍ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ଉନ୍ନତ କରିବା ଉପରେ ସେମାନେ ଆଲୋଚନା କରିଥିଲେ । ଡକ୍ଟର ଜୟଶଙ୍କର ଜର୍ମାନୀର ପ୍ରତିରକ୍ଷାମନ୍ତ୍ରୀ ବୋରିସ୍ ପିଷ୍ଟୋରିୟସ୍ଙ୍କ ସହ ମଧ୍ୟ ସାକ୍ଷାତ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସହଯୋଗ ଏବଂ ୟୁକ୍ରେନ୍ ବିକାଶ ପ୍ରସଙ୍ଗ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି ।

ସୂଚନାଯୋଗ୍ୟ ଜର୍ମାନୀର ମ୍ୟୁନିକ୍‌ଠାରେ ୬୧ତମ ସୁରକ୍ଷା ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି । ନୀତି ନିର୍ଦ୍ଧାରକ ଏବଂ ବିଶେଷଜ୍ଞ ଏଥିରେ ଯୋଗଦେଇ ମତ ବିନିମୟ କରିବା ସହ ଏ କ୍ଷେତ୍ରରେ ରହିଥିବା ଆହ୍ୱାନ ଗୁଡ଼ିକର ମୁକାବିଲା ସଂପର୍କରେ ଆଲୋଚନା କରୁଛନ୍ତି । ଏହି ଆଲୋଚନାରେ ନରଓ୍ୱେର ପ୍ରଧାନମନ୍ତ୍ରୀ ଜୋନାସ ଗାହର୍ ଷ୍ଟୋର୍, ଆମେରିକା ସିନେଟ୍ ସଦସ୍ୟ ଏଲିସା ସ୍ଲୋଟ୍‌କିନ୍ ଏବଂ ଓ୍ୱାର୍‌ସା ମେୟର ରାଫାଲ୍ ଟ୍ରାଜାସ୍କୋକ୍ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀ ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବ । ପ୍ରମୁଖ ବୈଦେଶିକ ଏବଂ ନିରାପତ୍ତା ସଂକ୍ରାନ୍ତ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ଏହି ସମ୍ମିଳନୀ ବିଶେଷ ସହାୟତା ପ୍ରଦାନ କରିବ ବୋଲି ଆଶା କରାଯାଉଛି ।

## ପ୍ରୟାଗରାଜ-ଆକ୍ସିଡେଣ୍ଟ

ପ୍ରୟାଗରାଜ ଜିଲ୍ଲାର ମେଜା ରୋଡ୍‌କ୍ରସିଂ ଠାରେ ଏକ ସଡ଼କ ଦୁର୍ଘଟଣାରେ ଅତିକମ୍‌ରେ ୧୦ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୧୯ ଜଣ ଆହତ ହୋଇଛନ୍ତି । ପ୍ରୟାଗରାଜର ପୁଲିସ୍ କମିଶନର ତରୁଣ ଗାବା ଦେଇଥିବା ସୂଚନା ଅନୁଯାୟୀ, ଯାତ୍ରୀବାହୀ ବସ୍ ଏବଂ ଏସ୍‌ୟୁଭି ଯାନ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି ଦୁର୍ଘଟଣା ଘଟିଛି । ଏସ୍‌ୟୁଭି ଯାନଟି ଯାତ୍ରୀ ନେଇ ଛତିଶଗଡ଼ର କୋର୍ବାକୁ ଯାଉଥିବା ବେଳେ ‸ ବାରଣାସୀରୁ ପ୍ରୟାଗରାଜକୁ ଆସୁଥିବା ଏକ ଯାତ୍ରୀବାହୀ ବସ୍ ସହ ଏହାର ଦୁର୍ଘଟଣା ହୋଇଥିଲା ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟ୍‌ରେ ରାଷ୍ଟ୍ରପତି ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ସହ ଆହତ ଲୋକମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ମୃତକଙ୍କ ପରିବାରଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି । ଆହତମାନଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଫିସ୍ ପ୍ରଡକ୍ସନ

ବିଗତ ୧୦ବର୍ଷ ମଧ୍ୟରେ ଦେଶରେ ମତ୍ସ୍ୟ ଉତ୍ପାଦନ ଦ୍ୱିଗୁଣିତ ହୋଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ୨୦୧୩-୧୪ରେ ମାଛ ଉତ୍ପାଦନ ୯୫ଲକ୍ଷ ଟନ୍ ଥିବାବେଳେ ୨୦୨୩-୨୪ରେ ଏହା ବୃଦ୍ଧି ପାଇ ୧୮୪ ଲକ୍ଷ ଟନରେ ପହଞ୍ଚିଛି । ବିଶ୍ୱ ମତ୍ସ୍ୟ ଉତ୍ପାଦନରେ ପ୍ରାୟ ୮ ପ୍ରତିଶତ ଅଂଶ ସହିତ ଭାରତ ଦ୍ୱିତୀୟ ବୃହତ୍ତମ ମତ୍ସ୍ୟ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ପରିଗଣିତ ହେଉଛି । ଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତର ମତ୍ସ୍ୟଚାଷ

କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । କେନ୍ଦ୍ର ବଜେଟରେ ମାଛଚାଷ ପାଇଁ ୨ ହଜାର ୭୦୩ କୋଟି ଟଙ୍କାରୁ ଅଧିକ ବ୍ୟୟ ବରାଦ କରାଯାଇଛି ।

## ଆଦି ମହୋତ୍ସବ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଆଦି ମହୋତ୍ସବ ୨୦୨୫ର ଉଦ୍‌ଘାଟନ କରିବେ । ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମ୍ ଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ଜନଜାତି ସମ୍ପ୍ରଦାୟର କଳା, ସଂସ୍କୃତି, ଔଦଗିକ କାର୍ଯ୍ୟକଳାପ ତଥା ବାଣିଜ୍ୟ ସମ୍ପର୍କିତ ବିଭିନ୍ନ କଳାକୃତି ସ୍ଥାନ ପାଇବ । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗା ଦାସ ଓ୍ୱିକେ କହିଛନ୍ତି, ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଜନଜାତି କାରିଗର ତଥା ଉଦ୍ୟୋଗୀଙ୍କର ବିଭିନ୍ନ କଳାକୃତି ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଏହି ମହୋତ୍ସବ ଆୟୋଜନ କରାଯାଇଛି । ଏଥିରେ ୬୦୦ରୁ ଊର୍ଦ୍ଧ୍ୱ ଜନଜାତି ଉଦ୍ୟୋଗୀ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଓ୍ୱିକେ କହିଛନ୍ତି ।

ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କର ପାରମ୍ପରିକ ନୃତ୍ୟ ସଂଗୀତ ପରିବେଷଣ କରାଯିବ । ୯ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବ ଆସନ୍ତା ୨୪ ତାରିଖ ଦିନ ଉଦ୍‌ଯାପିତ ହେବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି ।

## ଗାବାର୍ଡ-ମୋଦୀ

ଆମେରିକାର ନ୍ୟାଶନାଲ୍ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ତୁଳସୀ ଗାବାର୍ଡ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆମେରିକାରେ ସ୍ୱାଗତ କରିବା ଏକ ସମ୍ମାନର ବିଷୟ । ଦୁଇଦେଶ ମଧ୍ୟରେ ବନ୍ଧୁତ୍ୱକୁ ଅଧିକ ମଜବୁତ ଓ ନିବିଡ଼ କରିବା ନେଇ ସେ ଆଶା ପୋଷଣ କରିଛନ୍ତି। ନିକଟରେ ୱାଶିଂଟନ୍ ଡିସିରେ ଅନୁଷ୍ଠିତ  ବୈଠକ ନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧମ  ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଗାବାର୍ଡ ଏହା କହିଛନ୍ତି ।

ସୂଚନାଯୋଗ୍ୟ, ନିକଟରେ ଶେଷ ହୋଇଥିବା ଆମେରିକା ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନବନିଯୁକ୍ତ ଗାବାର୍ଡଙ୍କୁ ଭେଟି ଭାରତ ଓ ଆମେରିକା ମଧ୍ୟରେ ଥିବା ବନ୍ଧୁତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

## ଯୋଶୀ-ମିଟିଂ

ନବୀକରଣ ଓ ଅକ୍ଷୟଶକ୍ତି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗତ ସନ୍ଧ୍ୟାରେ ଚଣ୍ଡୀଗଡ଼ଠାରେ କୃଷକ ସଂଗଠନର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି । କୃଷକଙ୍କ ବିଭିନ୍ନ ଦାବି ଉପରେ ଏହି ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଯୋଶୀ କହିଛନ୍ତି, ଦୁଇପକ୍ଷ ମଧ୍ୟରେ ସକାରାତ୍ମକ ମନୋଭାବ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । କୃଷକଙ୍କ କଲ୍ୟାଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ବୈଠକରେ ସଂଗଠନର କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି । ଦୁଇପକ୍ଷ

ମଧ୍ୟରେ ଆସନ୍ତା ୨୨ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ମନ୍ତ୍ରୀ ଶ୍ରୀ ଯୋଶୀ ସୂଚନା ଦେଇଛନ୍ତି ।

## ମହିଳା ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ ୨୦୨୫ ପ୍ରତିଯୋଗିତାରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ବଦୋଦରା ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ମ୍ୟାଚ୍ ଖେଳାଯିବ ।

ମହିଳା ପ୍ରିମିୟର୍ ଲିଗ୍ର ଏହି ତୃତୀୟ ସଂସ୍କରଣରେ ୫ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଏହି ଦଳ ଗୁଡ଼ିକ ହେଉଛନ୍ତି ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଜ୍ୟାଣ୍ଟସ୍, ଦିଲ୍ଲୀ କ୍ୟାପିଟାଲ୍ସ, ୟୁପି ୱାରିୟର୍ସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ । ବଦୋଦରା, ବେଙ୍ଗାଲୁରୁ, ଲକ୍ଷ୍ନୌ ଏବଂ ମୁମ୍ବାଇ ଠାରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ । ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ମୁମ୍ବାଇର ବ୍ରାବୋନ୍ ଷ୍ଟାଡିୟମ୍ ଠାରେ ଖେଳାଯିବ ।

ଏହି ପ୍ରତିଯୋଗିତା ଗତକାଲି ଠାରୁ ଆରମ୍ଭ ହୋଇଛି । ବଦୋଦରା କୋଟାମ୍ବି ଷ୍ଟାଡିୟମ୍ ଠାରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ୬ ୱିକେଟ୍‌ରେ ଗୁଜରାଟ ଜ୍ୟାଣ୍ଟସ୍‌କୁ ପରାସ୍ତ କରିଛି । ଟସ୍ ଜିତି ବେଙ୍ଗାଲୁରୁ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଜ୍ୟାଣ୍ଟସ୍, ଅଧିନାୟକ ଆସ୍‌ଲେ ଗାର୍ଡନର୍ସ୍‌ଙ୍କ ଅପରାଜିତ ୭୯ରନ୍ ସହାୟତାରେ ୫ ୱିକେଟ୍ ବିନିମୟରେ ୨୦୧ରନ୍ ସଂଗ୍ରହ କରିଥିଲା । ୨୦୨ରନ୍‌ର ବିଜୟ ଲକ୍ଷ୍ୟକୁ ବେଙ୍ଗାଲୁରୁ ୧୮ ଓଭର ୩ଟି ବଲ୍‌ରେ ୪ ୱିକେଟ୍ ବିନିମୟରେ ହାସଲ କରିଥିଲା । ୨୭ଟି ବଲ୍‌ରୁ ୬୪ରନ୍ ସଂଗ୍ରହ କରି ବେଙ୍ଗାଲୁରୁ ପାଇଁ

ବିଜୟର ପଥ ପରିସ୍କାର କରିଥିବା ରିଚା ଘୋଷଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।